# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**20 April - 2025**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଆସନ୍ତାକାଲି ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ, ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି
- ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଖେଲୋ ଇଣ୍ଡିଆ କେନ୍ଦ୍ରଗୁଡ଼ିକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କଲେ କ୍ରୀଡାମନ୍ତ୍ରୀ
- ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦିବସକୁ ସ୍ମରଣ କରି ଆଜି ପାଳନ କରାଯାଉଛି ଇଷ୍ଟର ପର୍ବ

ଏବଂ

- କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜିଠାରୁ ଆରମ୍ଭ ହେଉଛି 'କଳିଙ୍ଗ ସୁପରକପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ'

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି ଶିବିର ଆସନ୍ତାକାଲି ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସମ୍ବଲପୁର ଦୁର୍ଗାପାଲି ସ୍ଥିତ ମହାନଗର ନିଗମ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିଛନ୍ତି ।

ସମୁଦାୟ ହଜାରେ ଲୋକଙ୍କର ଅଭିଯୋଗକୁ ଶୁଣାଣି ପାଇଁ ଗ୍ରହଣ କରାଯିବ । ଏଥିନିମନ୍ତେ ଅଭିଯୋଗକାରୀ ପୋର୍ଟାଲ୍ ମାଧ୍ୟମରେ ଆଗୁଆ ପଞ୍ଜୀକରଣ କରିବାପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିର ପାଇଁ ବ୍ୟକ୍ତିଗତ ଅପେକ୍ଷା ଗୋଷ୍ଠିଗତ ଅଭିଯୋଗ ଅଧିକ ପଞ୍ଜୀକୃତ ହୋଇଛି ।
ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାଏକ ଏବଂ ପୂର୍ବତନ ବିଧାୟକ ନାଉରୀ ନାଏକ କ୍ଷେତ୍ର ଗତକାଲି ଶିବିରର ଆୟୋଜନ ନେଇ ସମୀକ୍ଷା କରିଛନ୍ତି । ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ଜନସାଧାରଣ ଏହି ଅଭିଯୋଗ ଶିବିରରେ ଅଂଶଗ୍ରହଣ କରିପାରିବେ । ଏହି ଶିବିରରେ ୧୧ ଜଣ ମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଏବଂ ୧୦ଟି ଜିଲ୍ଲାର ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ରହିବେ ।

## ଖେଲୋ ଇଣ୍ଡିଆ

କେନ୍ଦ୍ର ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଓ ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଖେଲୋ ଇଣ୍ଡିଆ ସେଣ୍ଟର ଆଜି ଉଦ୍‌ଘାଟିତ ହୋଇଛି । ଖେଲୋ ଇଣ୍ଡିଆ

ଯୋଜନାରେ ସେଣ୍ଟରର ନିର୍ମାଣ ହୋଇଥିବାବେଳେ ରାଜ୍ୟ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡା ଭିତ୍ତିଭୂମି ଓ ପ୍ରତିଭାର ବିକାଶ ଲକ୍ଷ୍ୟ ନେଇ ଖେଲୋ ଇଣ୍ଡିଆ ସେଣ୍ଟର ନିର୍ମାଣ କରାଯାଉଛି। କ୍ରୀଡାବିତ୍‌ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବା ସହ ବିଭିନ୍ନ କ୍ରୀଡା ପାଇଁ ସୁଦୃଢ଼ ଭିତ୍ତିଭୂମି ଏବଂ ସମସ୍ତ ପ୍ରକାରର ସୁବିଧା -ସୁଯୋଗ ଖେଳାଳୀମାନଙ୍କୁ ପ୍ରଦାନ କରାଯିବ। କ୍ରୀଡା କ୍ଷେତ୍ରରେ କ୍ୟାରିୟର ପାଇଁ ଏହି ସେଣ୍ଟରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ପ୍ରତି ସେଣ୍ଟର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟସ୍ତରୀୟ, ସର୍ବଭାରତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଖେଳାଳୀ ଏହି ସେଣ୍ଟରଗୁଡ଼ିକରେ କୋଚ୍ ରହିବେ ବୋଲି ମନ୍ତ୍ରୀ କହିଛନ୍ତି....

**-V/O-***(Suryabansi Suraj)*

## ବାନ୍ଧକଳା ଭୂମି ପୂଜନ

ସୁବର୍ଣ୍ଣପୁର ଜିଲ୍ଲାର ଛେପାପଲ୍ଲୀ ଗାଁରେ ଆଜି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଅରୁନ୍ଧତି ବାନ୍ଧକଳାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। **ସୁବର୍ଣ୍ଣପୁର** ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାର ହସ୍ତତନ୍ତକୁ କଳାତ୍ମକ କାରିଗରୀ ସହ ବଜାର ଉପଲବ୍ଧ କରାଇବାରେ ଏହା ସହାୟକ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ  କହିଛନ୍ତି। ଏହି ଅବସରରେ ବୁଣାକାର ସମ୍ପ୍ରଦାୟର ଅର୍ନ୍ତନିହିତ ଦକ୍ଷତା, ପାରମ୍ପରିକ କାରିଗରୀର ପୁନରୁଦ୍ଧାର, ଯୁବପିଢ଼ି ଓ

ମହିଳାଙ୍କୁ ବୟନ କଳା ପ୍ରତି ଆକର୍ଷିତ କରିବା ସହ ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ୧୦ ଏକର ପରିମିତ ଅରୁନ୍ଧତି ବାନ୍ଧକଳା କ୍ୟାମ୍ପସ୍‌ରେ ୩ ହଜାର ତନ୍ତ ପ୍ରତିଷ୍ଠା ସହ ୫ ହଜାରରୁ ଅଧିକ ବୁଣାକାର ସ୍ୱାବଲମ୍ବୀ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ସାଂସଦ ସଙ୍ଗୀତାକୁମାରୀ ସିଂହଦେଓ, ବିଧାୟକ ରଘୁନାଥ ଜଗଦ୍ଦଳା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୭ଜଣ ହସ୍ତତନ୍ତ ଶିଳ୍ପୀଙ୍କୁ ସମ୍ମାନିତ କରାଯିବା ସହ ୨୦ ଜଣ ମହିଳା ବୁଣାକାରଙ୍କୁ ଅତ୍ୟାଧୁନିକ ହସ୍ତତନ୍ତ ଯନ୍ତ୍ର ବଣ୍ଟନ କରାଯାଇଥିଲା।

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ଷଷ୍ଠ ପର୍ଯ୍ୟାୟ ସହାୟତା ରାଶି ଆସନ୍ତା ୨୪ ତାରିଖ ଦିନ ପଞ୍ଚାୟତିରାଜ ଦିବସ ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପୁରୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସହାୟତା ରାଶି ବଣ୍ଟନ କରିବେ । ଏହିଦିନ ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଆକାଉଣ୍ଟ୍‌କୁ ୨ଟି କିସ୍ତିର ଟଙ୍କା ଆସିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯିବ ।

## ଇଷ୍ଟର ପର୍ବ

ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦିବସକୁ ସ୍ମରଣ କରି ସମଗ୍ର ବିଶ୍ୱରେ ଆଜି ଇଷ୍ଟର ପର୍ବ ପାଳନ କରାଯାଉଛି । ଶୁଭ ଶୁକ୍ରବାର ଦିନ କାଲ୍‌ଭାରୀ ଠାରେ ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଧ କରାଯିବା ପରେ ରବିବାର ଦିନ ତାଙ୍କର ପୁନରୁତ୍ଥାନ ଦିବସ ପାଳନ କରାଯାଇଥାଏ । ଏହି ଅବସରରେ ବିଭିନ୍ନ ସ୍ଥାନରେ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର ସମାବେଶ ହେଉଛି ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଯୀଶୁଖ୍ରୀଷ୍ଟଙ୍କ ପୁନରୁଥାନକୁ ସ୍ମରଣ କରି ଆଜି ପାଳନ କରାଯାଉଥିବା ଏହି ପର୍ବ ନିସ୍ୱାର୍ଥପର ପ୍ରେମ ଓ ସେବାର ବାର୍ତ୍ତା ପ୍ରଦାନ କରିଥାଏ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଯୀଶୁଖ୍ରୀଷ୍ଟଙ୍କ ଦୟା, କ୍ଷମା ଏବଂ ସେବାର କାଳଜୟୀ ଶିକ୍ଷା ନାଗରିକଙ୍କୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ ଦିଗରେ ମାର୍ଗଦର୍ଶନ କରିଥାଏ ବୋଲି କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇଷ୍ଟର ଲୋକଙ୍କ ମଧ୍ୟରେ ଆଶା, ନୂତନତ୍ୱ ଏବଂ କରୁଣା ପାଇଁ ପ୍ରେରଣା ଯୋଗାଇଥାଏ ।

ସମସ୍ତଙ୍କ ପାଇଁ ଆନନ୍ଦ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଉପଲବ୍ଧ ହେଉ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

**ନବରଙ୍ଗପୁର** ଜିଲ୍ଲାରେ ଆଜି ପବିତ୍ର ଇଷ୍ଟର ପର୍ବ ପାଳନ କରାଯାଉଛି। ଜିଲ୍ଲା ବିଭିନ୍ନ ସ୍ଥାନରେ ଥିବା ଚର୍ଚ୍ଚରେ ସ୍ୱତନ୍ତ୍ର ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଛି। ଶୁଭ ଶୁକ୍ରବାରରେ ପ୍ରଭୁ ଯୀଶୁ କ୍ରୁଶବିଦ୍ଧ ହେବା ପରେ ଏହାର ୩ ଦିନ ପରେ ଅର୍ଥାତ୍ ରବିବାର ପୁନର୍ବାର ଧରାବତରଣ କରିଥିଲେ ବୋଲି ବିଶ୍ୱାସ ରହିଛି। ଆଜି ଯୀଶୁଖ୍ରୀଷ୍ଟଙ୍କ ପୁନର୍ବାର ଆଗମନ ଓ ଶିଷ୍ୟଙ୍କୁ ଉପଦେଶ ପାଳନର ସ୍ମୃତିଚାରଣ କରାଯାଇ ଉତ୍ସବ ପାଳନ କରାଯାଉଛି।

# ବିଜେପି-ଆୱାରନେସ୍

ୱାକଫ୍  ସଂଶୋଧନ ଆଇନ ସଂପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜିଠାରୁ ଦେଶବ୍ୟାପୀ 'ୱାକ୍‌ଫ ସୁଧାର ଜନଜାଗରଣ ଅଭିଯାନ' ଆରମ୍ଭ କରାଯାଇଛି । ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ । ଏହି ଅଭିଯାନ ଅଧୀନରେ ଦଳୀୟ ନେତା ଏବଂ କର୍ମୀ ମୁସଲିମ ସମ୍ପ୍ରଦାୟଙ୍କ ସହ ସାକ୍ଷାତ୍ ଆଲୋଚନା କରି ୱାକ୍‌ଫ ସଂଶୋଧିତ ଆଇନ୍ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବେ ।

# ପଇତାଲାଗି ନୀତି

ଶ୍ରୀମନ୍ଦିରରେ ଆସନ୍ତାକାଲି ବୈଶାଖ କୃଷ୍ଣ ଅଷ୍ଟମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା

ଦିଆଯାଇଛି । ସେହିପରି ମଙ୍ଗଳବାର ଦିନ ମହାପ୍ରଭୁଙ୍କର ରାମାଭିଷେକ ନୀତି କରାଯିବା ସହ ବୁଧବାର ଦିନ ବନକଲାଗି ନୀତି ଅନୁଷ୍ଠିତ ହେବ । ଏହିସବୁ ବିଶେଷ ନୀତି ସମ୍ପାଦନକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ୪ ଦିନ ପାଇଁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ବନ୍ଦ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ବୈଠକ

**ଭଦ୍ରକ** ପୌରପାଳିକା ସଭାଗୃହରେ ପୌରାଞ୍ଚଳର ୩୦ଟି ୱାର୍ଡରେ ସ୍ୱଚ୍ଛତା, ଆବାସ ଯୋଜନା, ପରିମଳ, ନର୍ଦ୍ଦମା ଜଳ ନିଷ୍କାସନ ବ୍ୟବସ୍ଥା ଆଦିର ବିକାଶମୂଳକ କାର୍ଯ୍ୟ ନେଇ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏହି ବୈଠକରେ ଯୋଗଦେଇ ସହରାଞ୍ଚଳର ବିକାଶ, ସୌନ୍ଦର୍ଯ୍ୟୀକରଣ, ସରକାରୀ ଯୋଜନା ଅନୁଦାନର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ ।

## କଳିଙ୍ଗ ସୁପର୍ କପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ  କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ସର୍ବଭାରତୀୟ ଫୁଟବଲ ମହାସଂଘ, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୫ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାରେ ମୋହନ ବାଗାନ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି । ଉଦ୍‌ଘାଟନୀ ମ୍ୟାଚ୍ ରାତି ୮ଟାରେ ଗତଥରର ଚାମ୍ପିଅନ୍ ଇଷ୍ଟ

ବେଙ୍ଗଲ୍ ଏଫ୍‌ସି ଏବଂ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଖେଳାଯିବ। ଚଳିତ ଟୁର୍ଣ୍ଣାମେଣ୍ଟରେ ନକ୍‌ଆଉଟ୍ ଫର୍ମାଟରେ ଖେଳାଯିବ। ପ୍ରତିଯୋଗିତାର ପ୍ରି-କ୍ୱାଟର ଫାଇନାଲ୍ ମ୍ୟାଚ୍ ଆଜିଠାରୁ ୨୪ ତାରିଖ ପର୍ଯ୍ୟନ୍ତ, କ୍ୱାର୍ଟର ଫାଇନାଲ୍ ୨୬ ଓ ୨୭ ତାରିଖ, ସେମିଫାଇନାଲ୍ ୩୦ ତାରିଖ ଓ ଫାଇନାଲ୍ ମ୍ୟାଚ୍ ମେ’ ୩ ତାରିଖରେ ଖେଳାଯିବ।

## ହ୍ୟାଣ୍ଡବଲ୍ ପ୍ରତିଯୋଗିତା

ଉତ୍ତରପ୍ରଦେଶର ଆକବରପୁରରେ ଆଜିଠାରୁ ଚଳିତ ମାସ ୨୪ ତାରିଖ ପର୍ଯ୍ୟନ୍ତ ୪୭ ତମ ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୮ ଜଣିଆ ଦଳ ଭାଗ ନେଉଛନ୍ତି। ସୂଚନାଯୋଗ୍ୟ, ପ୍ରତିଯୋଗିତା ପାଇଁ ମାର୍ଚ୍ଚ ପହିଲାରୁ ପୁରୀ ଓ କେନ୍ଦୁଝରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା।

## ପାଣିପାଗ

ରାଜ୍ୟର ଉତ୍ତର ଓ ଦକ୍ଷିଣାଞ୍ଚଳର କେତେକ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀଜନିତ ବଜ୍ରପାତ ଓ ଘଡଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, ରାୟଗଡ଼ା, ଗଜପତି, ନବରଙ୍ଗପୁର, କୋରାପୁଟ ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ବର୍ଷା ଏବଂ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

*****************************